# Akashvani, Sambalpur

## SAMBALPURI NEWS BULLETIN

### 25 June 2024- 6.47- 6.52 am.

*********************************************

ଷ୍ଟକ୍ ସୀମା ଲାଗୁ          ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ସର୍‌କାର୍ ସାମଗ୍ରିକ ଖାଦ୍ୟ ନିରାପତାକେ ଆଏତ୍ କର୍‌ବାର୍ ଆର୍ ମହଦୁଜ୍‌କେ ରୁକ୍‌ବାର୍ ଲାଗି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକା ଲାଗି ଗହମ୍ ଉପ୍‌ରେ ଷ୍ଟକ୍ ସୀମା ଲାଗୁ କର୍‌ବାର୍‌କେ ନିଷ୍ପତି ନେଇଛନ୍ । ବ୍ୟବସାୟୀ, ହୋଲ୍‌ସେଲର୍, ରିଟେଲର୍, ବିଗ୍ ଚେନ୍ ରିଟେଲର୍ ଆର୍ ପ୍ରୋସେସର୍ ମାନ୍‌କର୍ ଲାଗି ନିର୍ଦ୍ଦିଷ୍ଟ ଖାଦ୍ୟ ସାମଗ୍ରୀ ଉପ୍‌ରେ ଆବଶ୍ୟକତା ଷ୍ଟକ ସୀମା ଆଉ ନିଆଅନା ପ୍ରତିବନ୍ଧକ୍ ସଂଶୋଧନ୍ ଆଦେଶ୍ ଗଲାକାଏଲ୍‌ଠାନୁ ଜାରି କରାଯାଇଛେ । ୨୦୨୫ ମାର୍ଚ୍ଚ ୩୧ ତାରିଖ୍‌ତକ୍ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକା ଲାଗି ଇଟା ଲାଗୁ ହେବା ।

କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା          ଆର୍‌ଏନ୍‌ୟୁ /ସମ୍ବଲପୁର

ବିଜେପିର ଜାତୀୟ ସଭାପତି ଆଉ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ରାଜ୍ୟସଭାର ଗୃହର୍ ନେତା ହେଇଛନ୍ । ପିୟୁସ୍ ଗୋୟେଲ୍‌ଙ୍କର ଜାଗାଥି ଶ୍ରୀ ନଡ୍ଡା ଗୃହର୍ ନେତା ହେଇଛନ୍ । ମୋଦୀ ସର୍‌କାର୍‌ଙ୍କର୍ ୩ ନମ୍ବର୍ ପାଲିଥି ଶ୍ରୀ ନଡ୍ଡା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ସହେତେ ରସାୟନ ଆଉ ସାର ମନ୍ତ୍ରଣାଳୟର୍ ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଛନ୍ ।

ଛତିଶା ନିଯୋଗ ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ନ ଗଲାକାଏଲ୍ ଛତିଶା ନିଯୋଗ୍ ବୈଠକ୍ ହେଇଯାଇଛେ । ବୈଠକ୍ ଉତ୍‌ରୁ ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ୍ କହିଛନ୍ ଯେ, ବୈଠକ୍‌ଥି ରଥଯାତ୍ରା ନୁ ନୀଳାଦ୍ରି ବିଜେ ତକ୍ ନୀତି ନିର୍ଘଂଟ ପ୍ରସ୍ତୁତ୍ କରାଯାଇଛେ । ଜୁଲାଇ ୬ ତାରିଖ୍ ଶ୍ରୀମନ୍ଦିର୍‌ନୁ ରଥଖଲାକେ ଆଜ୍ଞାମାଳ ବିଜେ କରାଯିବାର୍‌କେ ଥିର୍ ହେଇଛେ । ସେନ୍ତା ଜୁଲାଇ ୭ ତାରିଖ୍ ରାତି ୨ ବଜେ ନୁ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି କରାଯାଇ କରି ନେତ୍ରୋତ୍ସବ ନୀତି ହେବା । ପଛେ ସେହିଦିନ ତିନ୍‌ହି ରଥର ପ୍ରତିଷ୍ଠା ଆର୍ ମହାପ୍ରଭୁଙ୍କର୍ ପହଣ୍ଡି, ଛେରାପହଁରା ନୀତି ଶେଷ୍ ହେବାର୍

ଉତ୍‌ରୁ ଉପର୍‌ବେଲା ୫ ବଜେ ରଥଘିଚା ହେବା ବଲି ଜନାପଡ଼ିଛେ ।

ହେଲେ, ଆଏଜ୍ ପରିଚାଲନା କମିଟିର୍ ବୈଠକ୍‌ଥି ନୀତି ନିର୍ଘଂଟକେ ଅନୁମୋଦନ୍ କରାଯିବା ବଲି ଶ୍ରୀ ଯାଦବ୍ କହିଛନ୍ ।

ବସ୍ ଚଲାଚଲ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶାନୁ ଦେଶର୍ ପ୍ରମୁଖ ତୀର୍ଥଜାଗାକେ ବସ୍ ଚଲାଚଲ୍ କର୍‌ବା ବଲି ରାଜ୍ୟ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ସେ କହିଛନ୍ ଯେ, ତିରୁପତି, ଅଯୋଧ୍ୟା, ବୃନ୍ଦାବନ, ଉଜ୍ଜୟିନୀ ବାଗିର୍ ତୀର୍ଥ ଜାଗାମାନ୍‌କେ ବସ୍ ଚଲାଚଲ୍ କରାଯିବା । ସେନ୍ତା ରଥଯାତ୍ରା ଲାଗି ରାଜ୍ୟର୍ ସବୁ ବ୍ଲକ୍‌ନୁ ପୁରୀକେ ଓ.ଏସ୍.ଆର୍.ଟି.ସି. ବସ୍ ଚଲାଚଲ୍ କର୍‌ବା । ମନ୍ତ୍ରୀ କହିଛନ୍ ଯେ, ରାଏଜେ ପରିବେଶ୍ ଅନୁକୂଳ ଅଏତ୍‌କା ଇଲେକ୍ଟ୍ରିକ୍ ବସ୍ ଚଲାଯିବା । ପହେଲା ଖେପେ ଶହେଟା ଇଲେକ୍ଟ୍ରିକ୍ ବସ୍ ଘିନାଯିବା ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ଏସ୍‌ଆର୍‌ସି -ବନ୍ୟା ପରିସ୍ଥିତି ସମୀକ୍ଷା    ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ କେତେଟା ଜାଗା ନ ଆଏଜ୍ ମୌସୁମୀ ସକ୍ରିୟ ହେବା ଆର୍ ଇତାର୍ ପ୍ରଭାବ୍‌ଥି ଜବର୍ ବର୍ଷା ହେଇପାରେ । ଇଥିର୍‌ଲାଗି ସହର୍‌ମାନ୍‌କେ ଜଲ୍‌ବନ୍ଦୀ ପରିସ୍ଥିତି ସୃଷ୍ଟି ହେବାର୍ ସମ୍ଭାବନା ଥିବାର୍‌ନୁ ଥିତିର୍ ମୁକାବିଲା ଲାଗି ଆଗୁଆ ପ୍ରସ୍ତୁତ୍ ରହେବାର୍‌କେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସବୁ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଲଗାଣ୍ ବର୍ଷା ହେଲେ ବନ୍ୟା ବାଗିର୍ ଥିତିର୍ ମୁକାବିଲା କର୍‌ବାର୍‌କେ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ତିଆର୍ ରହେବାର୍ ସହେତେ ଜିଲ୍ଲା ମୁଖ୍ୟାଳୟ ନାଇଁ ଛାଡ୍‌ବାର୍‌କେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ କହିଛନ୍ । ନଦୀ ଆଉ କେନାଲ୍ ବନ୍ଧ୍ ନ ଥିବାର୍ ସମ୍ବେଦନ୍‌ଶୀଲ୍ ଇଲାକା ଉପ୍‌ରେ ନଜର୍ ରଖ୍‌ବାର୍‌କେ ଭିଲ୍ ପରାମର୍ଶ ଦିଆଯାଇଛେ ।

ଶିଳ୍ପ ପ୍ରକଳ୍ପ- ନିବେଶ୍ ପ୍ରସ୍ତାବ୍-ଓଡ଼ିଶା     ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଶେ ଶିଳ୍ପ ପ୍ରକଳ୍ପ ସ୍ଥାପନ୍ ଲାଗି ନିବେଶ୍ ପ୍ରସ୍ତାବ୍ ହାସଲ୍ କର୍‌ବାର୍‌ଥି ଓଡ଼ିଶା ୧ ନମ୍ବର୍ ଜାଗାଥି ରହିଛେ । ୨୦୨୩ ମସିହାଥି ଓଡ଼ିଶା ୨ ଲାଖ୍ ୧୦ ହଜାର୍ ୮ ଶହ ୩୭ କୋଟି ଟଙ୍କା

ନିବେଶ୍ ପ୍ରସ୍ତାବ୍ ହାସଲ୍ କରିଥିଲା । ସାରା ଦେଶେ ଇ ସମିଆଥି ୧ ହଜାର୍ ୨ ଶହ ୬୭ ଟା ନିବେଶ୍ ପ୍ରସ୍ତାବ୍ ଆସିଥିବାର୍ ବେଲେ ତାର୍ ୫ ଭାଗ୍ର୍ ୨ ଭାଗ୍ ଓଡ଼ିଶାକେ ମିଳିଥିଲା ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ବାସୀଙ୍କୁ ସମ୍ବୋଧନ୍ କର୍ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍ଥି ପ୍ରଧାନ୍ମନ୍ତ୍ରୀ ଲୁକ୍କର୍ ଠାନୁ ଆଏବା ୨୮ ତାରିଖ୍ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍ଓ ଅଫିସ୍ର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍

ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ଏକ୍ ପେଡ଼୍ ମା କେ ନାମ-ଏସ୍‌ଏଚ୍‌ଜି ଆର୍‌ଏନ୍‌ୟୁ /ସମ୍ବଲପୁର

'ଏକ୍ ପେଡ଼୍ ମା କେ ନାମ୍' ଅଭିଯାନ୍‌କେ କାର୍ଯ୍ୟକାରୀ କର୍‌ବାର୍ ଲାଗି ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଏସ୍‌ଏଚ୍‌ଜି ମହିଳାମାନ୍‌କୁ ନେଇକରି ବୃକ୍ଷରୋପଣ୍ କର୍‌ବାର୍ ଲାଗି କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଇ ଅଭିଯାନ୍‌କେ କାର୍ଯ୍ୟକାରୀ କର୍‌ବାର୍ ଲାଗି ମିଶନ୍ ଶକ୍ତି ଜରିଏ ୫ କୋଟି ଗଛ୍ ଜଗାବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏଚ୍‌ଏଚ୍‌ଜି ସଦସ୍ୟମାନ୍‌କୁ ୫ଟା ଲେଖା ଗଛ୍ ଲଗାବାର୍‌କେ କହିଛନ୍ । ଇଥିର୍‌ଲାଗି ଉଦ୍ୟାନ୍ ବିଭାଗ୍, କୃଷି ବିଭାଗ୍ ଆର୍ ଜଙ୍ଗଲ୍ ବିଭାଗ୍ ଯୁଗେଇ ଦେବେ ।

ସମ୍ବଲ୍‌ପୁର୍- ଜଣ୍ଡିସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ସହର ନ ଜଣ୍ଡିସ୍ ଆକ୍ରାନ୍ତଙ୍କର ସଂଖ୍ୟା ବଢୁଥିବାର୍‌ନୁ ଜନସ୍ୱାସ୍ଥ୍ୟ ବିଭାଗ୍‌ର ରେପିଡ୍ ରେସ୍‌ପନ୍ସ ର ୨ ଝନ୍ ସଦସ୍ୟ ସମ୍ବଲ୍‌ପୁରେ ଘର୍ ଘର୍ ବୁଲିକରି ଯାଂଚ୍ ମୁଲ୍ କରିଛନ୍ । ପିଇବାର୍ ପାଏନ୍ ନୁ ଜଣ୍ଡିସ୍ ହେଇଥିବାର୍ ବିଷେ ଇ ଟିମ୍ କହିଛନ୍ । ଲୁକେ ସଚେତନ୍ ହେଇକରି ଫୁଟାଲା ପାଏନ୍ ପିଇବାର୍ ଆଉ ସଫାସୁତ୍‌ରା ଉପ୍‌ରେ ଧ୍ୟାନ୍ ଦେଇକରି ଉଷୋ ଖାଏବାର୍ ଉପ୍‌ରେ ଜୋର୍ ଦିଆଯାଇଛେ ।

ବିଜ୍ଞାନ୍ ଶିକ୍ଷା ଡିପ୍ଲୋମାଥି ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଏନ୍‌ସିଇଆର୍‌ଟିର ଆଂଚଳିକ୍ ଶିକ୍ଷା ପ୍ରତିଷ୍ଠାନ୍ ନ ଇ ବଛର୍ ବିଜ୍ଞାନ୍ ଶିକ୍ଷା ଡିପ୍ଲୋମା କୋର୍ସଥି ନାଁଲେଖା ଲାଗି ଦର୍‌ଖାସ୍ତ ନିଆଯାଉଛେ । ବିଜ୍ଞାନ୍‌ଥି ସ୍ନାତକ ଯୋଗ୍ୟତା ଥିବା ବିଜ୍ଞାନ୍ ଶିକ୍ଷକ, ବିଜ୍ଞାନ୍‌ଥି ରୁଚି ରଖୁଥିବା ବ୍ୟକ୍ତିବିଶେଷ୍, ବିଜ୍ଞାନ୍ ଗବେଷକ, ଗବେଷିକା, ବିଜ୍ଞାନ୍ ଶିକ୍ଷାବୃତିଥି ଥିବା ବ୍ୟକ୍ତିବିଶେଷ୍ ଇଥିର୍‌ଲାଗି ଦର୍‌ଖାସ୍ତ କରିପାର୍‌ବେ । ଇ ମାସର୍ ୩୦ ତାରିଖ୍ ଦର୍‌ଖାସ୍ତ କର୍‌ବାର୍ ଶେଷ୍ ଦିନ୍ ଆଏ । ଇଥିର୍‌ଲାଗି କେନ୍‌ସି ବୟସ୍‌ସୀମା ନାଇଁରଖାଯାଇ । ସବିଶେଷ୍ ବିବରଣୀ ଲାଗି www.riebbs.ac.in ଲଗ୍‌ଇନ୍ କରିପାର୍‌ବେ ।